## ପ୍ରେସ୍‌ନୋଟ୍

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ମାର୍ଟ ହେଲଥ କାର୍ଡ ବଣ୍ଟନର ଶୁଭାରମ୍ଭ ।

## ୧୧୭୬.୪୯ କୋଟି ଟଂକାର ୪୩୨ଗୋଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ -

ଅନୁଗୋଳ, ତା.୨୦.୧୧:- ଗରିବ ଲୋକମାନଂକ ପାଇଁ ସ୍ୱାସ୍ଥ୍ୟ ସବୁଠାରୁ ବଡ ସମସ୍ୟା । ଏହି ସମସ୍ୟା ତାଂକର ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଇଥାଏ । ସେମାନଂକ ଜୀବନ ମୋ ପାଇଁ ମୁଲ୍ୟବାନ । ସେମାନେ ସୁସ୍ଥରେ ରୁହନ୍ତୁ ସେଥିପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ଆଜି ଅନୁଗୋଳ ଗସ୍ତରେ ଆସି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସ୍ଥାନୀୟ ଷ୍ଟାଡିୟମ ପଡିଆରେ ଆୟୋଜିତ ସଭାରେ ଏହା କହିବା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି । ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ ଘଟିକା ସମୟରେ ହେଲିକେପ୍ଟରରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅବତରଣ କରି ସଭାରେ ଉଦବୋଧନ ଦେଇଥିଲେ । ଅନୁଗୋଳ ଜିଲ୍ଲା ଶିଳ୍ପ ଓ ବାଜିରାଉତ ଛାତ୍ରାବାସ ପାଇଁ ପ୍ରସିଦ୍ଧ । ଏହି ମାଟିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସମାଜ ସେବୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ଅନେକ ଜନକଲ୍ୟାଣକାରୀ କାର୍ଯ୍ୟ କରିଛନ୍ତି । ତାଳଚେର ପ୍ରଜାମଣ୍ଡଳର ସଂଗ୍ରାମୀମାନଂକ ବିରତ୍ୱକୁ ପ୍ରସଂଶା କରିଥିଲେ । ସ୍ୱାସ୍ଥ୍ୟ ଆମ ସମସ୍ତଂକ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ । ଏହି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଅନେକ ଦୁଃଖରେ ରହୁଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ କାର୍ଡ ସୁବିଧା ପାଇ ଜିଲ୍ଲାର ପ୍ରାୟ ୧୦ ଲକ୍ଷ ପରିବାର ଉପକୃତ ହୋଇପାରିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ତାଂକ ଉଦବୋଧନରେ ପ୍ରକାଶ କରିଥିଲେ । ରାଜ୍ୟ ତଥା ରାଜ୍ୟ ବାହାରେ ୨୦୦ରୁ ଅଧିକ ବଡ ବଡ ଡାକ୍ତରଖାନାରେ ଏହି କାର୍ଡ ଦ୍ୱାରା ଜନସାଧାରଣ ସୁବିଧା ପାଇପାରିବେ । ଲୋକମାନଂକୁ ଚିକିତ୍ସାଳୟକୁ କେବଳ ଏହି କାର୍ଡ ନେଇ ଯିବାକୁ ହେବ । ଅନ୍ୟ କୌଣସି କାଗଜପତ୍ରର ଆବଶ୍ୟକ ପଡିବ ନାହିଁ । ପରିବାର ପାଇଁ ୫ ଲକ୍ଷ ଏବଂ ମହିଳାମାନଂକ ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ । ସେପ୍ଟେମ୍ବର ଏକ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ମାର୍ଟ ହେଲଥ କାର୍ଡ ଯୋଜନାରେ ରାଜ୍ୟର ୯୬ ଲକ୍ଷ ପରିବାର ଏହି କାର୍ଡ ପାଇବେ । ଏହାଦ୍ୱାରା ରାଜ୍ୟର ୩.୫ କୋଟି ଜନସାଧାରଣ ଉପକୃତ ହେବେ । ସାରା ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡିଶାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ଚାଷୀ,ମୁଲିଆ,ଛୋଟ ଦୋକାନୀ ଓ ଗରିବ ଲୋକ ସେ ଗ୍ରାମାଂଚଳରେ ରହୁ ବା ସହାରାଂଚଳରେ ରହୁ ପ୍ରତିଟି ଜୀବନ ମୋ ପାଇଁ ମୁଲ୍ୟବାନ । ମୁଁ ଚାହେଁ ଟଂକା ଅଭାବରୁ ରାଜ୍ୟରେ ଜଣେ ହେଲେ ବ୍ୟକ୍ତି ସ୍ୱାସ୍ଥ୍ୟ ସେବାରୁ ବଂଚିତ ନ ହୁଅନ୍ତୁ । ଏହି ଯୋଜନା ଯୋଗୁଁ ଲୋକମାନଂକର ଆଧୁନିକ ସ୍ୱାସ୍ଥ୍ୟ ସେବା

ଜନିତ ସମସ୍ୟା ଓ ଚିନ୍ତା ଦୂର ହେବ । ନିଜ ପରିବାରର ଉନ୍ନତି କରିବା ସହ ଓଡିଶା ବିକାଶରେ ନିଜକୁ ସାମିଲ କରିବା ପାଇଁ ଲୋକମାନଂକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସରକାରୀ ଚିକିତ୍ସାଳୟମାନଂକରେ କେମୋଥେରାପି ଠାରୁ ସିଟି ସ୍କାନ ଯାଏ ବିଭିନ୍ନ ପାଥୋଲୋଜି ଟେଷ୍ଟ ସୁବିଧା ଉପଲବଧ । ପାଇପ୍ ଦ୍ୱାରା ଉତ୍କୃଷ୍ଟ ପାନୀୟ ଜଳ ଯୋଗାଣକୁ ରାଜ୍ୟ ସରକାର ସବୁବେଳେ ପ୍ରାଧାନ୍ୟ ଦେଇଆସିଛି । ଏହି ଜିଲ୍ଲାରେ କୃଷି ପ୍ରତି ଲୋକମାନଂକର ଆଗ୍ରହ ବଢିଛି । ଜିଲ୍ଲାର ମିଲେଟ ମିଶନରେ ପ୍ରାୟ ୩ ହଜାର ଚାଷୀ ସାମିଲ ହୋଇଛନ୍ତି । ଏହା ଜିଲ୍ଲାରେ ପୃଷ୍ଟି ନିରାପତ୍ତାକୁ ବଳବତ୍ତର କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଅନୁଗୋଳ ବିଧାୟକ ତଥା ବିଧାନ ସଭାର ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ସ୍ୱାଗତ ଅଭିଭାଷଣରେ ଓଡିଶା ସରକାରଂକ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଅନ୍ୟ ରାଜ୍ୟମାନେ ଅନୁକରଣ କରୁଛନ୍ତି ବୋଲି ପ୍ରକାଶ କରିଥିଲେ । ଦୀର୍ଘ ୨୦-୨୧ ବର୍ଷ ହେବ ନିରବଛିନ୍ନ ଭାବେ ଓଡିଶାରେ ଉନ୍ନତିମୂଳକ କାର୍ଯ୍ୟକରି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତି ଓଡିଆଙ୍କ ହୃଦୟ ଜିଣି ପାରିଛନ୍ତି ବୋଲି ପ୍ରକାଶ କରିଥିଲେ । ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା,ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାରା ଭାରତ ବର୍ଷରେ ଏକ ନମ୍ବର ରାଜ୍ୟ ହେବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଯେଉଁ ବିକାଶର ନକସା ପ୍ରସ୍ତୁତ କରିଛନ୍ତି ଏହି ସ୍ମାଟ ହେଲଥ କାର୍ଡ ଯୋଜନା ହେଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଐତିହାସିକ ଯୋଜନା । ମାନ୍ୟବର ମୁଖ୍ୟମନ୍ତ୍ରୀ ଜିଲ୍ଲା ବାସୀଂକ ପାଇଁ ଯୁଗାନ୍ତକାରୀ ସ୍ମାର୍ଟ ହେଲଥ କାର୍ଡ ପ୍ରଦାନ କରିବା ସହିତ ପାଖାପାଖି ୧୨ ଶହ କୋଟି ଟଂକାର ୪୩୨ଗୋଟି ଜନକଲ୍ୟାଣକାରୀ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାରୁ ଜିଲ୍ଲାବାସୀଂକ ତରଫରୁ ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୩୪୫ଟି ପ୍ରକଳ୍ପ ୨୫୨.୬୧ କୋଟି ଟଂକାର ଶୁଭ ଉଦଘାଟନ ହୋଇଥିଲା । ପୂର୍ତ୍ତ ବିଭାଗର ୨୪.୯୯ କୋଟି ଟଂକାରେ ୭ ଟି, ଆର ଡବ୍ଲ୍ୟୁ ଡି ବିଭାଗର ୧୮.୮୮ କୋଟି ଟଂକାରେ ୩ଟି,ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ୬୪.୦୪ କୋଟି ଟଂକାରେ ୫୫ଟି, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗର ୪୬.୩୧ କୋଟି ଟଂକାରେ ୧୮୯ଟି, ଗୃହ ଓ ନଗର ଉନ୍ନୟନ ବିଭାଗର (ଜନ ସ୍ୱାସ୍ଥ୍ୟ) ୬.୨୦ କୋଟି ଟଂକାରେ ୩ଟି, ଅନୁଗୋଳ ପୌରପାଳିକାର ୭.୫୦ କୋଟି ଟଂକାରେ ୧ଟି, କ୍ରୀଡା ଓ ଯୁବ ସେବା ବିଭାଗର ୩.୬୪ କୋଟି ଟଂକାରେ ୧ଟି, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ୫୭.୫୫ କୋଟି ଟଂକାରେ ୮୫ଟି, ଜଳ ଅମଳ ପ୍ରକଳ୍ପ(ମେଗା ଉଠା

ଜଳସେଚନ ପ୍ରକଳ୍ପ)ର ୨୩.୫୦ କୋଟି ଟଙ୍କାରେ ୧ଟି ପ୍ରକଳ୍ପର ଉଦଘାଟନ ହୋଇଛି । ସେହିପରି ପୂର୍ତ୍ତ ବିଭାଗର ୩୦୪.୨୯ କୋଟି ଟଙ୍କାରେ ୨୩ଟି,ଆର ଡବ୍ଲ୍ୟୁ ଡି ବିଭାଗର ୧୮.୦୭ କୋଟି ଟଙ୍କାରେ ୨ଟି, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ (ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ) ର ୪୮୯.୪୯ କୋଟି ଟଙ୍କାରେ ୮ଟି, ଗୃହ ଓ ନଗର ଉନ୍ନୟନ ବିଭାଗ(ଅନୁଗୋଳ ପୌରାପାଳିକା)ର ୯.୮୦ କୋଟି ଟଙ୍କାରେ ୩ଟି ପ୍ରକଳ୍ପ,ତାଳଚେର ପୌରପାଳିକାର ୩୦.୩୯ କୋଟି ଟଙ୍କାରେ ୪ଟି,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରକଳ୍ପ ୮.୦୦ କୋଟି ଟଙ୍କାରେ ୨ଟି, ଜଳ ଅମଳ ପ୍ରକଳ୍ପ(ଉଠା ଜଳସେଚନ)ର ୭.୮୪ କୋଟି ଟଙ୍କାରେ ୪୩ଟି ଓ ସ୍ୱାସ୍ଥ୍ୟ ବିଭାଗ (ଜିଲ୍ଲା ଖଣିଜ ପାଣ୍ଠି) ୫୬ କୋଟି ଟଙ୍କାରେ ୨ଟି ପ୍ରକଳ୍ପ ଏହିପରି ସମୁଦାୟ ୮୭ ଟି ପ୍ରକଳ୍ପ ବାବଦରେ ୯୨୩.୮୮ କୋଟି ଟଙ୍କା ର ଶିଳାନ୍ୟାସ କରାଗଲା । ଏହି ଅବସରରେ ବିଜୁ ସ୍ୱାସ୍ଥ୍ୟ ରଥର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିଲା । ଏହି ସଭାରେ '୫ଟି' ସଚିବ ଶ୍ରୀ ଭି କେ ପାଣ୍ଡିଆନ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଧାୟକ ତଥା ଅନୁଗୋଳ ଜିଲ୍ଲାର ପର୍ଯ୍ୟବେକ୍ଷକ ଶ୍ରୀ ପ୍ରଶାନ୍ତ ମୁଦୁଲି, ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ପାଲଲହଡା ବିଧାୟକ ଶ୍ରୀ ମୁକେଶ କୁମାର ପାଳ, ଓଡିଶା ଗ୍ରାମ୍ୟ ଓ ଗୃହ ନିର୍ମାଣ ବୋର୍ଡର ଅଧ୍ୟକ୍ଷ ଶ୍ରୀ ମାନ କେତନ ଅମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ଚଳଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ଶ୍ରୀ କୁନା ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଉତ୍ତର କେନ୍ଦ୍ରାଂଚଳ ଡି ଆଇ ଜି ଡ. ସାର୍ଥକ ଷଡଙ୍ଗୀ, ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ , ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁ , ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍,ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୁଧାଂଶୁ ରଞ୍ଜନ ନାୟକଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ ।


ଓଡ଼ିଶା ସରକାର
Government of Odisha
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
Biju Swasthya Kalyan Yojana


Swasthya Kalyan Yojana
Sangeeta Rani Sah
01032212259
ଓଡ଼ିଶା ସରକାର
Government of Odisha
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
Swasthya Kalyan Yojana


ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
Biju Swasthya Kalyan Yojana
ନୂଆ ସ୍ମାର୍ଟ କାର୍ଡ ବିତରଣ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
B.S.K.Y